# ସୋନପୁର ପୌରପରିଷଦ କାର୍ଯ୍ୟାଳୟ, ସୋନପୁର

ନୋଟିସ୍ ନଂ...4027.../                                        ତା. ...13.11.24.../

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୋନପୁର ପୌର ପରିଷଦ ଅଧିନସ୍ଥ ନିମ୍ନଲିଖିତ ଷ୍ଟଲ/ ଭେଣ୍ଡିଂ ଜୋନ ଗୁଡିକ ଲଟେରି ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତି ମାନେ ସୋନପୁର ପୌର ପରିଷଦ କାର୍ଯ୍ୟାଳୟରୁ ଟ.୨୦୦/- ମୂଲ୍ୟ ଦେଇ ଆବଶ୍ୟକ ଫର୍ମ ଓ ସର୍ତ୍ତାବଳୀ ~~ତା.୨୨.୧୧.୨୦୨୪ ଦିବା ୧.୦୦ ପର୍ଯ୍ୟନ୍ତ ପାଇପାରିବେ । ଏହା ସହିତ, ଧାର୍ଯ୍ୟ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ~~ ମାଧ୍ୟମରେ Executive Officer, Sonepur Municipality ଙ୍କ ନାମରେ ଜମା ଦେବେ । ତା:୨୨.୧୧.୨୦୨୪ ଅପରାହ୍ନ ୩.୦୦ଘ. ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ନିଜର ସମ୍ପୂର୍ଣ୍ଣ ବିବରଣୀ, ଫର୍ମ କ୍ରୟ ରସିଦ, ଓ ଅମାନତ ରାଶି ଡ୍ରାଫ୍ଟ ସହିତ କାର୍ଯ୍ୟାଳୟ ଟେଣ୍ଡର ବାକ୍ସରେ ଦାଖଲ କରିବେ । ତା:୨୭.୧୧.୨୦୨୪ ଦିବା ୧୧.୦୦ଘ. ସମୟରେ ଟେଣ୍ଡର ବାକ୍ସ ଖୋଲାଯିବ ଏବଂ ସମସ୍ତ ଆବେଦନକୁ ଟେଣ୍ଡର କମିଟିକୁ ପରବର୍ତ୍ତୀ ପକ୍ରିୟା ନିମନ୍ତେ ହସ୍ତାନ୍ତରଣ କରାଯିବ । ଏହାର ନିର୍ଦ୍ଧାରିତ ମୂଲ୍ୟ, ଅମାନତ ରାଶି ଓ ମାସିକ ଭଡାର ବିବରଣୀ ନିମ୍ନରେ ପ୍ରଦାନ କରାଗଲା । ଯେଉଁ ବ୍ୟକ୍ତିଙ୍କ ନାମରେ ଷ୍ଟଲ ଆବଣ୍ଟନ କରାଯିବ ଉକ୍ତ ବ୍ୟକ୍ତି ଏକବର୍ଷ ପର୍ଯ୍ୟନ୍ତ ତାଙ୍କର ଷ୍ଟଲକୁ ସମର୍ପଣ କରିପାରିବେ ନାହିଁ । ଯଉଁ ବ୍ୟକ୍ତି ମାନେ ଷ୍ଟ୍ରିଟ ଭେଣ୍ଡର ହିସାବରେ ସୋନପୁର ପୌର ପରିଷଦରେ ତାଲିକା ଭୁକ୍ତ ଥିବେ କିମ୍ବା ପୌର ପରିଷଦରୁ Letter of recommendation(LOR) ପ୍ରାପ୍ତ ହୋଇ ଥିବେ ଏବଂ କୌଣସି ସ୍ଥାୟୀ ଦୋକାନ କରିନଥିବେ କେବଳ ସେହି ବ୍ୟକ୍ତି ବିଶେଷ ମାନେ ଭେଣ୍ଡିଂ ଜୋନ ଆବେଦନ କରି ପାରିବେ ।

| କ୍ର. ନଂ | ଦୋକାନ ଗୃହର ଅବସ୍ଥିତି | ଦୋକାନ ଗୃହର ଆକାର | ଧାର୍ଯ୍ୟ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି | ଦୋକାନ ଗୃହର ମାସିକ ଭଡା |
|---|---|---|---|---|---|
| ୧ | ବ୍ଲକ ଛକ, ମାର୍କେଟ କଂପ୍ଲେକ୍ସ (ପି.ଡି ବାସଗୃହ ପାର୍ଶ୍ୱ), ସୋନପୁର | ୧୪' X ୧୦' (ଉପରମହଲା ୮ ଗୋଟି) ଷ୍ଟଲ.ନଂ. ୧୭,୨୦,୨୧, ୨୫,୩୦,୩୧,୩୨ ଓ ୩୩ | ୨,୦୦,୦୦୦/- | ୧,୦୦,୦୦୦/- | ୨୦୦୦/- |
| ୨ | ଭଗବତି ମନ୍ଦିର ଠାରେ ନିର୍ମିତ ଷ୍ଟଲ | ୧୦' X ୮' (୩ ଗୋଟି) | ୧,୦୦,୦୦୦/- | ୫୦,୦୦୦/- | ୨୦୦୦/- |
| ୩ | ପି.ଡବ୍ଲୁ.ଡି ଭେଣ୍ଡିଂ ଜୋନ | ୮' X ୧୦' (୪ ଗୋଟି) ୪ ରୁ ୭ | ୧୦,୦୦୦/- | ୫,୦୦୦/- | ୫୦୦/- |
| ୪ | ପୁରୁଣା ଡାକ୍ତରଖାନା ଭେଣ୍ଡିଂ ଜୋନ ନଂ.୨ | ୮' X ୧୦' (୧ ଗୋଟି) | ୧୦,୦୦୦/- | ୫,୦୦୦/- | ୪୦୦/- |
| ୫ | ବ୍ଲକଛକ ଭେଣ୍ଡିଂ ଜୋନ ନଂ.୧୧,୧୩, ୧୪ | ୮' X ୧୦' (୩ ଗୋଟି) | ୧୫,୦୦୦/- | ୭,୫୦୦/- | ୭୦୦/- |
| ୬ | ଜିଲ୍ଲା ସବ ରେଜିଷ୍ଟ୍ରର ଅଫିସ ଭେଣ୍ଡିଂ ଜୋନ | ୮' X ୧୦' (୮ ଗୋଟି ୮ ରୁ ୧୫) | ୧୦,୦୦୦/- | ୫,୦୦୦/- | ୫୦୦/- |

ନିର୍ବାହୀ ଅଧିକାରୀ,
ସୋନପୁର ପୌର ପରିଷଦ

ପତ୍ରାଙ୍କ 4028 ତାରିଖ 13.11.24

ଏହାର ଏକକିତା ଅବିକଳ ନକଲ ଯୁଗ୍ମ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର ଓଡିଶା ଙ୍କୁ ଦୁଇ ଗୋଟି ସମ୍ବାଦପତ୍ର (ସମ୍ବଲପୁର ପ୍ରକାଶନ)ରେ ଗୋଟିଏ ଦିନ ପାଇଁ ପ୍ରକାଶ କରିବାକୁ ଅନୁରୋଧ କରାଗଲା।

ନିର୍ବାହୀ ଅଧିକାରୀ,
ସୋନପୁର ପୌର ପରିଷଦ

ପରିପତ୍ରାଙ୍କ 4029 ତାରିଖ 13.11.24

ଏହାର ଏକକିତା ଅବିକଳ ନକଲ ଜିଲ୍ଲାପାଳ, ସୋନପୁର/ ପ୍ରକଳ୍ପ ନିର୍ଦ୍ଦେଶକ,DUDA ସୋନପୁର/ଉପ-ଜିଲ୍ଲାପାଳ, ସୋନପୁର/ ତହସିଲଦାର, ସୋନପୁର/ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ସୋନପୁର ପୌର ପରିଷଦ

ପରିପତ୍ରାଙ୍କ 4030 ତାରିଖ 13.11.24

ଏହାର ଏକକିତା ଅବିକଳ ନକଲ D.I.O (NIC) ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହାକୁ ଜିଲ୍ଲା Web-site ରେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ,
ସୋନପୁର ପୌର ପରିଷଦ

ପରିପତ୍ରାଙ୍କ 4031 ତାରିଖ 13.11.24

ଏହାର ଏକକିତା ଅବିକଳ ନକଲ ଟେଣ୍ଡର କମିଟିର ସମସ୍ତ ମେମ୍ବରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।
ଏହାର ଏକକିତା ଅବିକଳ ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଗଲା ।

ନିର୍ବାହୀ ଅଧିକାରୀ,
ସୋନପୁର ପୌର ପରିଷଦ

## ସର୍ତ୍ତାବଳୀ

୧. ପୂର୍ବ ବର୍ଷରୁ ବକେୟା ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଉକ୍ତ ନିଲାମରେ ଭାଗ ନେଇ ପାରିବେ ନାହିଁ ।

୨. ଲଟେରିରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୩. ଲଟେରିରେ ଯେଉଁମାନେ ସଫଳ ହେବେ ସେମାନେ ଅବଶିଷ୍ଟ ଧାର୍ଯ୍ୟ ମୂଲ୍ୟ ଏକକାଳିନ ୭ଦିନ ଭିତରେ କାର୍ଯ୍ୟାଳୟରେ ଜମାକରି ଚୁକ୍ତିନାମା ସାକ୍ଷର କରିବେ । ଧାର୍ଯ୍ୟ ମୂଲ୍ୟ ସମୟ ସୀମା ମଧ୍ୟରେ ଜମା ନ କରିବା କ୍ଷେତ୍ରରେ ତାଙ୍କର ଚୟନକୁ ଖାରଜ କରାଯିବ ଏବଂ ପ୍ରତୀକ୍ଷା ସୂଚୀରୁ ପରବର୍ତ୍ତି ବ୍ୟକ୍ତିଙ୍କୁ ଚୟନ କରାଯିବ । ଅବଶିଷ୍ଟ ଧାର୍ଯ୍ୟ ମୂଲ୍ୟ ଜମା ପାଇଁ କୌଣସି ସମୟ ସୀମା ବୃଦ୍ଧି ଆବେଦନକୁ ଗ୍ରହଣ କରାଯିବ ନାହିଁ ।

୪. ନିମ୍ନସାକ୍ଷରକାରୀ ଯେକୌଣସି ଆବଣ୍ଟନ ବାବଦରେ ଚୁଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

୫. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଲଟେରିରେ ଅଂଶ ଗ୍ରହଣ କରିପାରିବେ । ଗୋଟିଏ ପରିବାରର ଏକାଧିକ ଆବେଦନ ଆସିଥିଲେ କିମ୍ବା ସମାନ ବ୍ୟକ୍ତି ଏକାଧିକ ଆବେଦନ କରିଥିଲେ କେବଳ ଗୋଟିଏ ମାତ୍ର ଆବେଦନକୁ ଗ୍ରହଣ କରାଯିବ ଏବଂ ଅନ୍ୟ ସମସ୍ତ ଆବେଦନକୁ ବାତିଲ କରାଯିବ ।

୬. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇ ପାରିବେ ଏବଂ ସେ ଦୋକାନକୁ ଅନ୍ୟ କାହାକୁ ହସ୍ତାନ୍ତର କିମ୍ବା ଭଡାରେ ଲଗାଇପାରିବେ ନାହିଁ । ହସ୍ତାନ୍ତର କିମ୍ବା ଭଡା କ୍ଷେତ୍ରରେ ଚୁକ୍ତିନାମା ଖାରଜ କରାଯିବ ଏବଂ ଜମାଟଙ୍କା ବାଜ୍ୟାପ୍ତି କରାଯିବ ।

୭. ଯେଉଁ ବ୍ୟକ୍ତି ମାନେ ପୂର୍ବରୁ ପୌର ପରିଷଦ ଅଧିନରେ ଥିବା ଦୋକାନ ଘର ପାଇଥିବେ ତାଙ୍କର ପରିବାରର କୌଣସି ସଦସ୍ୟଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ ।

୮. କାର୍ଯ୍ୟ ନିର୍ବାହୀ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ଲଟେରି ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି ।

୯. ଲଟେରି ସଂକ୍ରାନ୍ତିୟ ବିଶଦ ବିବରଣୀ ପାଇଁ ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।

୧୦. ଆବେଦନକାରୀ ଯଦି କୌଣସି ଭୁଲ ବା ମିଥ୍ୟା ତଥ୍ୟ ଦେଇଥିବାର ଜଣାପଡେ ତେବେ ତାଙ୍କ ଆବଣ୍ଟନକୁ ବାତିଲ କରାଯିବ ।

୧୧. ପୂର୍ବ ବର୍ଷର ବକେୟା ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରି ପାରିବେ ନାହିଁ ।

୧୨. ଏଥିରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୧୩. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଆବେଦନ କରି ପାରିବେ ।

୧୪. ଯେଉଁ ବ୍ୟକ୍ତି ମାନେ ଷ୍ଟ୍ରିଟ ଭେଣ୍ଡର ହିସାବରେ ସୋନପୁର ପୌର ପରିଷଦରେ ତାଲିକା ଭୁକ୍ତ ଥିବେ କିମ୍ବା ପୌର ପରିଷଦରୁ Letter of recommendation(LOR) ପ୍ରାପ୍ତ ହୋଇ ଥିବେ ଏବଂ କୌଣସି ସ୍ଥାୟୀ ଦୋକାନ କରିନଥିବେ କେବଳ ସେହି ବ୍ୟକ୍ତି ବିଶେଷ ମାନେ ଆବେଦନ କରି ପାରିବେ ।

୧୫. ସମସ୍ତ ଦରଖାସ୍ତକୁ ଟେଣ୍ଡର କମିଟି ଦ୍ୱାରା ଯାଂଚ କରାଯିବ ଏବଂ ଯୋଗ୍ୟ ବିବେଚିତ ଆବେଦନକାରିଙ୍କ ମଧ୍ୟରେ ଲଟେରୀ ଦ୍ୱାରା ଚୟନ କରାଯିବ ।

୧୬. ଯେଉଁ ବ୍ୟକ୍ତିମାନେ ପୂର୍ବରୁ ଥିବା ପୌର ପରିଷଦ ଦୋକାନଗୃହ ପାଇଥିବେ ତାଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ ।

୧୭. ଗଠନ ହୋଇଥିବା ଟେଣ୍ଡର କମିଟି ଦୋକାନ ଆବଣ୍ଟନ ବାବଦରେ ଚୁଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

ନିର୍ବାହୀ ଅଧିକାରୀ,
ସୋନପୁର ପୌର ପରିଷଦ